We Serve and Protect

**ODISHA POLICE**

# LOCKDOWN

**(Applicable for the State of Odisha as on 24.03.2020)**

## କୋରୋନା ଭୂତାଣୁ ସଂକ୍ରମଣ ସ- ର୍କରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ

**ପ୍ରଶ୍ନ-୧ ୨୦୧୯ ନୂତନ କୋରୋନା ଭୂତାଣୁ କଣ ?**

**ଉଃ-** ୨୦୧୯ କୋରୋନା ଭୂତାଣୁ ସଂକ୍ରମଣ ପ୍ରଥମେ ଚୀନ୍ ଦେଶର ଉହାନ୍ ସହରରେ ଚିହ୍ନଟ ହୋଇଥିଲା, ଯାହା ପୂର୍ବରୁ ଜଣା ନଥିଲା ।

**ପ୍ରଶ୍ନ-୨ ୨୦୧୯ ନୂତନ କୋରୋନା ଭୂତାଣୁର ଉତ୍ସ କଣ ?**

**ଉଃ-** ଆଜି ସୁଦ୍ଧା ଏହାର ସଠିକ୍ ଉତ୍ସ ଜଣାପଡି ନାହିଁ । କୋରୋନା ଭୂତାଣୁ ଅନେକ ଭୂତାଣୁଙ୍କର ସମାହାର ଯାହା ମଧ୍ୟରୁ କିଛି ମନୁଷ୍ୟକୁ ରୋଗାକ୍ରାନ୍ତ କରିଥାନ୍ତି ଏବଂ ଅନ୍ୟ କିଛି ପ୍ରାଣୀମାନଙ୍କଠାରେ ରହିଥାନ୍ତି । ପ୍ରାଥମିକ ସ୍ତରରେ ଏହା ସନ୍ଦେହ କରାଯାଉଛି ଯେ ଏହି ଭୂତାଣୁର ସଂକ୍ରମଣ ଚୀନ୍ ଦେଶର ଉହାନ୍ ସହରରେ ଥିବା ବୃହତ୍ ସାମୁଦ୍ରିକ ମାଛ ଏବଂ ମାଂସ ବଜାରରୁ ଆସିଅଛି ଏବଂ ସର୍ବୋପରି ପ୍ରାଣୀମାନେ ଏହାର ଉତ୍ସବୋଲି ବିଶ୍ୱାସ ଦୃଢୀଭୂତ ହେଉଛି ।

**ପ୍ରଶ୍ନ-୩ କୋରୋନା ଭୂତାଣୁ ସଂକ୍ରମଣର ପ୍ରାଥମିକ ଲକ୍ଷଣ କଣ ?**

**ଉ:-** ହଠାତ୍ ଜ୍ୱର,କାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଆଦି କୋରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ହୋଇପାରେ ।

**ପ୍ରଶ୍ନ-୪ ଏହି ଭୂତାଣୁ କିପରି ବ୍ୟାପିଥାଏ ?**

**ଉ:-** ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବେ ଏହି ଭୂତାଣୁ ସଂକ୍ରମଣର ମାଧ୍ୟମ ଜଣାପଡି ନାହିଁ । ସମ୍ଭବତଃ ଏହା ପ୍ରାଣୀମାନଙ୍କଠାରୁ ଆସିଅଛି । କିନ୍ତୁ ବର୍ତ୍ତମାନ ମଣିଷଠାରୁ ମଣିଷକୁ ସଂକ୍ରମିତ ହେବା ଦେଖାଯାଉଛି । ତେବେ ବର୍ତ୍ତମାନ ସୁଦ୍ଧା ଏହା ସ୍ପଷ୍ଟ ହୋଇନାହିଁ ଯେ ଏହି ଭୂତାଣୁ ଲୋକମାନଙ୍କ ମଧ୍ୟରେ କିପରି ବ୍ୟାପୁଛି । ଏହା ଧରିନିଆଯାଉଛି ଯେ, ଫ୍ଲୁ ଏବଂ ଅନ୍ୟ ଶ୍ୱାସରୋଗ ସଂକ୍ରମଣ ଭଳି କାଶ/ଛିଙ୍କ ମାଧ୍ୟମରେ ସଂକ୍ରମିତ ବ୍ୟକ୍ତିଠାରୁ ଅନ୍ୟ ଜଣକୁ ବ୍ୟାପୁଛି ।

**ପ୍ରଶ୍ନ-୫ ଏହି ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ନେଇଛନ୍ତି ?**

**ଉ:-** ଜରୁରୀ ସୂଚନା ଗ୍ରହଣ ଓ ପରିସ୍ଥିତି ଉପରେ ନଜର ରଖିବା ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି । ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସରକାରୀ ମେଡିକାଲ୍ କଲେଜ ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ଏହି ରୋଗର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ସମ୍ଭାବ୍ୟ ପରିସ୍ଥିତିର ସଠିକ୍ ପରିଚାଳନା ପାଇଁ ସ୍ୱାସ୍ଥ୍ୟ ବିଭାଗ ସ-ମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ହୋଇ ରହିଛନ୍ତି । ବ୍ୟାପକ ଜନସଚେତନତା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି ।

**ପ୍ରଶ୍ନ-୬ କୋରୋନା ଭୂତାଣୁ ସଂକ୍ରମଣର ପ୍ରତିରୋଧ ପାଇଁ ଟୀକା ଅଛି କି ?**

**ଉ:-** ଆଜି ପର୍ଯ୍ୟନ୍ତ ଏହି ରୋଗର ପ୍ରତିରୋଧ ପାଇଁ କୌଣସି ଟୀକା ଉଦ୍ଭାବନ ହୋଇନାହିଁ ।

**ପ୍ରଶ୍ନ-୭ ଏହି ସଂକ୍ରମଣରୁ ମୁଁ ନିଜକୁ ସୁରକ୍ଷିତ ରଖିବା ପାଇଁ କଣ କରିବି ?**

**ଉ:-** (୧)ବ୍ୟକ୍ତିଗତ ପରିଷ୍କାର ପରିଛନ୍ନତା ପ୍ରତି ଧ୍ୟାନ ଦିଅନ୍ତୁ ।

(୨)ନିୟମିତ ସାବୁନ୍‌ରେ ହାତକୁ ଭଲଭାବେ ଧୁଅନ୍ତୁ

(୩)କାଶିବା, ଛିଙ୍କିବା ସମୟରେ ମୁହଁ ଓ ନାକକୁ ରୁମାଲରେ ଘୋଡାଇ ରଖନ୍ତୁ ।

**ପ୍ରଶ୍ନ-୮ କୋରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ କଣ କରିବି ?**

**ଉ:-** ରୋଗୀଙ୍କ ସଂସ୍ପର୍ଶରେ ଆସିବାର ୨୮ ଦିନ ପର୍ଯ୍ୟନ୍ତ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ଦୃଷ୍ଟି ରଖନ୍ତୁ । ହଠାତ୍ ଜ୍ୱର,କାଶ କିମ୍ବା ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ । ପୁନଶ୍ଚ ସଂସ୍ପର୍ଶରେ ଆସିଥିବା ରୋଗୀଙ୍କ ବିଷୟରେ ସମସ୍ତ ସୂଚନା ସ୍ୱାସ୍ଥ୍ୟ କର୍ମୀ ବା ଡାକ୍ତରଙ୍କୁ ଜଣାଇ ବିହିତ ପ୍ରତିକାର କରନ୍ତୁ ।

**ପ୍ରଶ୍ନ-୧୦ ଏହି ରୋଗର ଚିକିତ୍ସା କଣ ?**

**ଉ:-** ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଭୂତାଣୁ ନାଶକ ଔଷଧୀୟ ଚିକିତ୍ସା ନାହିଁ । ତେବେ ସଂକ୍ରମିତ ରୋଗୀଙ୍କର ଉପଶମ ପାଇଁ ଆବଶ୍ୟକୀୟ ଉପଚାର/ଚିକିତ୍ସା କରାଯିବା ଦରକାର ।

**ପ୍ରଶ୍ନ-୧୧ ଏହି ରୋଗର ବିଷୟରେ ଅଧିକ କେମିତି ଜାଣିହେବ ?**

**ଉ:-** ଏହି ରୋଗର ବିଷୟରେ ଅଧିକ ଜାଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଓଡିଶା ସରକାରଙ୍କ (ୱେବ୍‌ସାଇଟ୍: health.odisha.gov.in) ଦ୍ୱାରା ଜାରି ଗାଇଡ୍‌ଲାଇନ୍‌କୁ ଅନୁକରଣ କରନ୍ତୁ ।